OPTCL
Lifeline of Odisha

# ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ

**(ଓଡ଼ିଶା ସରକାରଙ୍କ ଏକ ଉପକ୍ରମ)**

**ପଞ୍ଜୀକୃତ କାର୍ଯ୍ୟାଳୟ: ଓପିଟିସିଏଲ୍, ଜନପଥ, ସହିଦ୍‌ନଗର, ଭୁବନେଶ୍ୱର-୭୫୧୦୦୭**

**CIN:U40102OR2004SGC007553**

## ସର୍ବସାଧାରଣ ବିଜ୍ଞପ୍ତି

୧. ଓଡ଼ିଶା ସରକାରଙ୍କ ହସ୍ତାନ୍ତର ପ୍ରକ୍ରିୟାରେ ୨୦୦୫ ଓ ବିଦ୍ୟୁତ୍ ଆଇନ ୨୦୦୩ ଅନ୍ତର୍ଗତ ଧାରା ୧୪ ଅନୁଯାୟୀ ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିମିଟେଡ୍ (ସଂକ୍ଷେପରେ ଓପିଟିସିଏଲ୍) ଏକ କ୍ଷମତା ପ୍ରାପ୍ତ ବିଦ୍ୟୁତ୍ ସଂଚାରଣ ସଂସ୍ଥା (ଲାଇସେନ୍ସି) । ଉକ୍ତ ସଂସ୍ଥା ଉପରେ ଏସ୍.ଏଲ୍.ଡି.ସି ର ରକ୍ଷଣାବେକ୍ଷଣ ଓ ପରିଚାଳନା ଦାୟୀତ୍ୱ ନ୍ୟସ୍ତ କରାଯାଇଥିବା ହେତୁ **ତା.୩୦-୧୧-୨୪** ରିଖରେ ୨୦୨୫-୨୬ ଆର୍ଥିକ ବର୍ଷ ନିମନ୍ତେ ଏସ୍.ଏଲ୍.ଡି.ସି କାର୍ଯ୍ୟ ପାଇଁ ବାର୍ଷିକ ରାଜସ୍ୱ ଆବଶ୍ୟକତା ଏବଂ ବାର୍ଷିକ ଫି କାର୍ଯ୍ୟ ସଂପାଦନ ଶୁଳ୍କ ନିର୍ଦ୍ଧାରଣ ଅନୁମୋଦନ ନିମନ୍ତେ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗଙ୍କ ସପକ୍ଷରେ ଏହାର ଆବେଦନପତ୍ର ଦାଖଲ କରିଛି ଯାହା **କେସ୍ ନଂ ୯୨/୨୦୨୪** ଭାବେ ପଞ୍ଜୀକୃତ ହୋଇଛି । ଏହି ସର୍ବସାଧାରଣ ବିଜ୍ଞପ୍ତି ଏବଂ ଦାଖଲ କରାଯାଇଥିବା ସମସ୍ତ ନଥିପତ୍ର ଏସ୍.ଏଲ୍.ଡି.ସି ର ୱେବ୍‌ସାଇଟ୍ www.sldcorissa.org.in, ଓପିଟିସିଏଲ୍ ୱେବ୍‌ସାଇଟ୍ www.optcl.co.in ତଥା ଆୟୋଗଙ୍କ ୱେବ୍‌ସାଇଟ୍ www.orierc.org ରୁ ଡାଉନଲୋଡ୍ କରାଯାଇପାରିବ ।

୨. ବରିଷ୍ଠ ମହାପ୍ରବନ୍ଧକ (ଆର୍ ଟି.ଏଣ୍ଡ.ସି), ଚିଫ୍ ଲୋଡ୍ ଡେସପାଚର ଏସ୍.ଏଲ୍.ଡି.ସି, ଓପିଟିସିଏଲ୍‌ର ସମସ୍ତ ଜୋନ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଓ ଅତ୍ୟୁଚ୍ଚ ବିଦ୍ୟୁତ୍ ରକ୍ଷଣାବେକ୍ଷଣ ମଣ୍ଡଳ ଦାୟୀତ୍ୱରେ ଥିବା ସମସ୍ତ ମହାପ୍ରବନ୍ଧକ (ବିଦ୍ୟୁତ୍)ଙ୍କ ଠାରୁ ୨୦୨୫-୨୬ ଆର୍ଥିକ ବର୍ଷ ନିମନ୍ତେ ଏସ୍.ଏଲ୍.ଡି.ସି କାର୍ଯ୍ୟ ପାଇଁ ବାର୍ଷିକ ରାଜସ୍ୱ ଆବଶ୍ୟକତା ଏବଂ ବାର୍ଷିକ ଫି ଓ କାର୍ଯ୍ୟ ସଂପାଦନ ଶୁଳ୍କ ନିର୍ଦ୍ଧାରଣ ନିମନ୍ତେ ଆବେଦନ ପତ୍ରର ସଂପୂର୍ଣ୍ଣ ଏକ ସେଟ୍ ନଥିପତ୍ର ଇଚ୍ଛୁକ ବ୍ୟକ୍ତି ଫଟୋ କପି ମୂଲ୍ୟ ଟ. ୫୦/- ଦେଇ **ତା. ୧୬.୦୧.୨୦୨୫** ରିଖ କିମ୍ବା ପୂର୍ବଦିନମାନଙ୍କରେ କାର୍ଯ୍ୟଦିବସ ମଧ୍ୟରେ ପାଇପାରିବେ । ଆଗ୍ରହୀ ବ୍ୟକ୍ତି ବିଶେଷ ମଧ୍ୟ ଉପରସ୍ଥ ଦର୍ଶାଯାଇଥିବା କାର୍ଯ୍ୟାଳୟରେ ସାଧା କାଗଜରେ ଦରଖାସ୍ତ ଦେଇ କାର୍ଯ୍ୟଦିବସ ମଧ୍ୟରେ ନଥିପତ୍ର ଯାଞ୍ଚ କରିପାରିବେ/ଦେଖିପାରିବେ ।

୩. ଯଦି କିଛି ପ୍ରସ୍ତାବ/ଆପତ୍ତି ଥାଏ, ତାହା ସହାୟକ କାଗଜପତ୍ର ସହିତ କେବଳ ବ୍ୟକ୍ତିଗତ ଭାବେ କିମ୍ବା ରେଜିଷ୍ଟ୍ରି ଡାକ/ଇମେଲ୍ ସହିତ କୋରିୟର ସେବା ମାଧ୍ୟମରେ ତା. **୧୬.୦୧.୨୦୨୫** ରିଖ କିମ୍ବା ପୂର୍ବରୁ ସଚିବ, ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ, ପ୍ଲଟ୍ ନଂ- ୪, ଚୁନୁକୋଳି, ଶୈଳଶ୍ରୀବିହାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୭୫୧୦୨୧ଙ୍କ ନିକଟରେ ନିଶ୍ଚିତ ପହଞ୍ଚିବା ଆବଶ୍ୟକ । ପ୍ରସ୍ତାବ/ଆପତ୍ତି ସବୁର ସାତ (୭) କିତା ନକଲ ସହିତ ସେଥିରେ ପ୍ରସ୍ତାବ/ଆପତ୍ତି ପଠାଇଥିବା ବ୍ୟକ୍ତି/ସଂସ୍ଥା/ଅନୁଷ୍ଠାନର ପୁରା ନାମ, ପିନ୍ କୋଡ୍ ସହିତ ସଂପୂର୍ଣ୍ଣ ଡାକ ଠିକଣା, ଟେଲିଫୋନ୍ ନମ୍ବର ଏବଂ ଇ-ମେଲ୍ ଠିକଣା ଦର୍ଶାଯାଇ ସତ୍ୟପାଠ ମାଧ୍ୟମରେ ଦାଖଲ ହେବା ଆବଶ୍ୟକ । ଆପତ୍ତି/ପ୍ରସ୍ତାବ ସହିତ ସମ୍ପୃକ୍ତ କାଗଜ ପତ୍ରର ଏକକିତା ନକଲ ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟକୁ ପଠାଯିବା ଆବଶ୍ୟକ । ସତ୍ୟପାଠ ମାଧ୍ୟମରେ ସମୟସୀମା ମଧ୍ୟରେ ଦାଖଲ ହୋଇଥିବା କେବଳ ବୈଧ ପ୍ରସ୍ତାବ/ଆପତ୍ତି ଶୁଣାଣୀ ଗ୍ରହଣଯୋଗ୍ୟ ହେବ ।

୪. ଶୁଣାଣି ତାରିଖ ଖବରକାଗଜ ମାଧ୍ୟମରେ ପ୍ରକାଶିତ ହେବ ଏବଂ ଗ୍ରହଣଯୋଗ୍ୟ ଆପତ୍ତିକାରୀଙ୍କୁ ଜଣାଇଦିଆଯିବ ।

ସ୍ୱା/-

ତା ୧୪.୧୨.୨୦୨୪

**ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ, ଓପିଟିସିଏଲ୍**

**ଦ୍ରଷ୍ଟବ୍ୟ:** ଓଡ଼ିଆରେ ପ୍ରକାଶିତ ବିଜ୍ଞାପନରେ ଯଦି କୌଣସି ତଥ୍ୟ ଅସ୍ପଷ୍ଟ ହୋଇଥାଏ ,ତେବେ ଇଂରାଜୀରେ ପ୍ରକାଶିତ ବିଜ୍ଞାପନ ତଥ୍ୟ ଚୂଡ଼ାନ୍ତ ବୋଲି ଗ୍ରହଣ କରାଯିବ ।

## ୨୦୨୫-୨୬ ଆର୍ଥିକ ବର୍ଷ ନିମନ୍ତେ ଏସ୍.ଏଲ୍.ଡି.ସି କାର୍ଯ୍ୟପାଇଁ ପ୍ରସ୍ତାବିତ ଫି ଓ ଶୁଳ୍କର ସବିଶେଷ ବିବରଣୀ

ଓଇଆର୍‌ସି (ଫି ଓ ଏସ୍.ଏଲ୍.ଡି.ସି ଶୁଳ୍କ ଏବଂ ଅନ୍ୟ ସମ୍ପର୍କିତ ବିଷୟ) ବିନିମୟ ୨୦୧୦ ଅନୁଯାୟୀ ଏସ୍.ଏଲ୍.ଡି.ସିର ବାର୍ଷିକ ଶୁଳ୍କ ଆକଳନ କରାଯାଇଅଛି ।

**(କ) ବ୍ୟବସ୍ଥା ପରିଚାଳନା ଶୁଳ୍କ(ଏସ୍.ଓ.ସି) ଏବଂ ବଜାର ପରିଚାଳନା ଶୁଳ୍କ (ଏମ୍.ଓ.ସି) ସମ୍ବଳିତ ବାର୍ଷିକ ଶୁଳ୍କର ବିସ୍ତୃତ ଦେୟ ବିବରଣୀ ନିମ୍ନ ସାରଣୀରେ ପ୍ରଦତ୍ତ ।**

**(ଟଙ୍କା : ଲକ୍ଷରେ)**

| | |
|---|---|
| **ବାର୍ଷିକ ଶୁଳ୍କ** | **୧୪୩୪.୨୭୭** |
| **ବ୍ୟବସ୍ଥା ପରିଚାଳନା ଶୁଳ୍କ (ଏସ୍‌ଓସି) (ବାର୍ଷିକ ଶୁଳ୍କର ୮୦ ପ୍ରତିଶତ ହିସାବରେ)** | **୧୧୪୭.୪୨୧** |
| ଆନ୍ତଃ ପ୍ରାଦେଶିକ ସରବରାହ ଲାଇସେନ୍ସି (ଏସ୍‌ଓସି ର ୧୦ ପ୍ରତିଶତ ହିସାବରେ) | ୧୧୪.୭୪୧ |
| ଉତ୍ପାଦନ ସଂସ୍ଥା ଓ ବିକ୍ରେତା (ଏସ୍‌ଓସି ର ୪୫ ପ୍ରତିଶତ ହିସାବରେ) | ୫୧୬.୩୪୦ |
| ବଣ୍ଟନ ଲାଇସେନ୍ସି ଓ କ୍ରେତା (ଏସ୍‌ଓସି ର ୪୫ ପ୍ରତିଶତ ହିସାବରେ) | ୫୧୬.୩୪୦ |
| **ବଜାର ପରିଚାଳନା ଶୁଳ୍କ (ଏମ୍‌ଓସି) (ବାର୍ଷିକ ଶୁଳ୍କର ୨୦ ପ୍ରତିଶତ ହିସାବରେ)** | **୨୮୬.୮୫୬** |
| ଉତ୍ପାଦନ ସଂସ୍ଥା ଓ ବିକ୍ରେତା (ଏମ୍‌ଓସି ର ୫୦ ପ୍ରତିଶତ ହିସାବରେ) | ୧୪୩.୪୨୮ |
| ବଣ୍ଟନ ଲାଇସେନ୍ସି ଓ କ୍ରେତା (ଏମ୍‌ଓସି ର ୫୦ ପ୍ରତିଶତ ହିସାବରେ) | ୧୪୩.୪୨୮ |

ସି.ଜି.ପି ମାନଙ୍କର ଉପରୋକ୍ତ ଶୁଳ୍କ ନିର୍ଦ୍ଧାରଣ ନିମନ୍ତେ ଏପ୍ରିଲ ଠାରୁ ଅକ୍ଟୋବର ୨୦୨୪ ମଧ୍ୟରେ ସର୍ବୋଚ୍ଚ ମେଗାୱାଟ୍ ସାରଣୀ ଉପଯୋଗ କରାଯାଇଛି ।

ଅକ୍ଷୟ ଶକ୍ତି ବିଦ୍ୟୁତ୍ ଉତ୍ପାଦନକାରୀ, ମୁଖ୍ୟତଃ ସୌର ଓ ଜୈବ ଶକ୍ତି, ଯେଉଁ ମାନଙ୍କର ଗ୍ରୀଡକୋ ସହିତ କ୍ରୟ ଚୁକ୍ତିନାମା ରହିଛି କିମ୍ବା ଯେଉଁ ମାନେ କେପଟିଭ୍ ପ୍ରବାହ (ହ୍ୱିଲିଂ) ଉଦେଶ୍ୟରେ ଉତ୍ପାଦନ କରୁଛନ୍ତି କିମ୍ବା ଯେଉଁ ମାନଙ୍କର ଅକ୍ଷୟ ଶକ୍ତି ପ୍ରମାଣ ପତ୍ର ପାଇଁ ହିସାବ ରକ୍ଷଣ କରାଯାଉଛି ସେମାନଙ୍କ ଠାରୁ ଏସ୍.ଏଲ୍.ଡି.ସି ଶୁଳ୍କ ଆଦାୟ କରିବା ପାଇଁ ପ୍ରସ୍ତାବ ଦିଆଯାଇଛି ।

**(ଖ) ରେଜିଷ୍ଟ୍ରେସନ ଫି :** ଉପରୋକ୍ତ ଶୁଳ୍କ ବ୍ୟତିତ ସମସ୍ତ ବ୍ୟବହାରକାରୀମାନଙ୍କ ଠାରୁ ଏକ ଲକ୍ଷ ଟଙ୍କା ହିସାବରେ ପଞ୍ଜୀକରଣ ଶୁଳ୍କ ସମ୍ପୃକ୍ତ ଓଇଆର୍‌ସି ରେଗୁଲେସନ୍ ଅନୁଯାୟୀ ଆଦାୟ ବ୍ୟବସ୍ଥା ରଖାଯାଇଛି । ଯେଉଁ ଶିଳ୍ପ ସଂସ୍ଥା ଅନ୍ତଃ ପ୍ରାଦେଶିକ ଓପନ୍ ଆକ୍ସେସ୍ ମାଧ୍ୟମରେ ବିଦ୍ୟୁତ୍ ଆମଦାନୀ କରୁଛନ୍ତି ସେମାନଙ୍କ ଠାରୁ ମଧ୍ୟ ପଞ୍ଜୀକରଣ ଶୁଳ୍କ ଆଦାୟ କରାଯିବା ପ୍ରସ୍ତାବ ରଖାଯାଇଛି ।

**(ଗ) ଆବେଦନ ପତ୍ର ଓ ସାରଣୀ ପ୍ରସ୍ତୁତ ଶୁଳ୍କ :** ଓଇଆର୍‌ସି (ଆନ୍ତଃରାଜ୍ୟ ଓପେନ୍ ଏକ୍ସେସ୍ ସର୍ତ୍ତ ଓ ନିୟମାବଳୀ) ବିନିମୟ ୨୦୨୦ ଅନୁଯାୟୀ ଓପେନ୍ ଏକ୍ସେସ୍ କଷ୍ଟମର୍ ମାନଙ୍କ ଠାରୁ ଆବେଦନ ପତ୍ର ଫି ଓ ସାରଣୀ ପ୍ରସ୍ତୁତ ଶୁଳ୍କ ଆଦାୟ କରାଯିବ ।

HIPR-22/2024-25